بسم الله الرحمٰن الرحيم

**ଖୁତ୍‌ବା ଜୁମା ୨୬ ମାର୍ଚ୍ଚ ୨୦୨୧ରେ ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ଜମାଅତ ଅହେମଦିୟ୍ୟାରେ ୨୩ ମାର୍ଚ୍ଚର ଦିନ ଏଇଥିପାଇଁ ସ୍ମରଣ ରଖାଯାଏ ଯେ,ଏହି ଦିନ ଜମାଅତ୍ ଅହେମଦିୟ୍ୟା ସ୍ଥାପନ ହୋଇଥିଲା। ତେଣୁ ଏହି ଦିନଟି ଆମମାନଙ୍କୁ ଏହି କଥା ସ୍ମରଣକାରୀ ହେବା ଉଚିତ୍ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟ୍ ପବିତ୍ର କୁରଆନ୍ ଏବଂ ଆଁହଜ୍‌ରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଧର୍ମସଂସ୍କରଣ କରିବା ଏବଂ ଇସଲାମ୍‌ର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚଳନ କରାଇବା ଏହାର ପ୍ରମୁଖ ଆଭିମୁଖ୍ୟ ଅଟେ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜ୍‌ବୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍, ତସ୍‌ମି ଏବଂ ସୁରା ଫାତିହାର ଆବୃତ୍ତି ପରେ ହୁଜ଼ୁର ଅନୱର୍ ଅ.ବ ନିମ୍ନ ଲିଖିତ ଆୟତର ଆବୃତ୍ତି କଲେ: **ହୁଅଲ୍ଲଜ଼ି ବାଆସା ଫିଲ୍ ଉମ୍ମିୟୀନା ରସୁଲମ୍ ମିନ୍‌ହୁମ୍ ୟତ୍‌ଲୁ ଅଲୈହିମ୍ ଆୟାତିହି ୱୟୁଜ଼କ୍କିହିମ୍ ୱ ୟୁଅଲ୍ଲିହୁମୁଲ୍ କିତାବା ୱଲ୍ ହିକ୍‌ମତା ୱଇନ୍ କାନୁ ମିନ୍ କବ୍‌ଲୁ ଲଫି ଜ଼ଲାଲିମ୍ ମୁବିନ୍ ।** ଅର୍ଥାତ ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାଙ୍କରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେହି ରସୁଲ୍ ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମଗ୍ରନ୍ଥ ଓ ତତ୍ତ୍ୱ ଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏତଦ୍‌ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । ପୁନଶ୍ଚ ହୁଜ଼ୁର ଅ.ବ କହିଲେ: ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହନ୍ତି; **ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକ୍କୁ ବିହିମ୍ ୱ ହୁଅଲ୍ ଅଜ଼ିଜୁଲ୍ ହକିମ୍ ।** ଅର୍ଥାତ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

ହୁଜ଼ୁର ଅନୱର୍ ଅ.ବ କହିଲେ : ଦୁଇ ତିନି ଦିନ ପୂର୍ବେ ୨୩ ମାର୍ଚ୍ଚର ଦିନ ଅତିକ୍ରାନ୍ତ ହୋଇଛି । ଏହି ଦିନ ଜମାଅତ୍ ଅହେମଦିୟା ସ୍ଥାପନ ହୋଇଥିଲା ଏବଂ ହ. ମସିହ୍ ମଉଦ୍ ଅ.ସ ବୈଅତ୍ ନେଇଥିଲେ । ତେଣୁ ଏହି ଦିନଟି ଆମମାନଙ୍କୁ ଏହି କଥା ସ୍ମରଣକାରୀ ହେବା ଉଚିତ୍ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟ ପବିତ୍ର କୁରଆନ୍ ଏବଂ ଆଁହଜ଼ରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଧର୍ମସଂସ୍କରଣ କରିବା ଏବଂ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚଳନ କରାଇବା ଏହାର ପ୍ରମୁଖ ଆଭିମୁଖ୍ୟ ଅଟେ । ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ସମ୍ମିଳିତ ହେବାର ଯେଉଁ ଦାବି କରୁଛେ ସେହି ବୈଅତ୍‌କୁ ଚରିତାର୍ଥ କରିବା ନିମନ୍ତେ ନିଜ ନିଜର ସାମର୍ଥ୍ୟାନୁଯାୟୀ ତହିଁରେ ଯୋଗଦାନ ଦେଇ ପାରିବା ତଥା ଅଂଶୀଦାର ହୋଇପାରିବା ଏବଂ ତତ୍‌ସହିତ ପଥଭ୍ରଷ୍ଟ ସମଗ୍ର ମାନବ ଜାତିର ସଂପର୍କ ଅଲ୍ଲାଃତାଲାଙ୍କ ସହିତ ଯୋଡ଼ିବା ଉଚିତ । ସେହିପରି ଆମେମାନେ ଭକ୍ତମାନଙ୍କର ଅଧିକାରକୁ ସମ୍ପାଦନ କରିବା ପ୍ରତି ଧ୍ୟାନ ଦେବା ଉଚିତ । ତେଣୁ ଏହା ସ୍ପଷ୍ଟ ଯେ, ଉକ୍ତ କାର୍ଯ୍ୟ ପାଇଁ ଆମମାନଙ୍କୁ ସର୍ବପ୍ରଥମେ ନିଜର ସଂସ୍କାର ଏବଂ ଆତ୍ମ ସଂଶୋଧନ କରିବା ଉଚିତ୍ । ସେ ଯାହା ହେଉ ନା କାହିଁକି ବର୍ତ୍ତମାନ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କର କେତେକ ଉଦ୍ଧୃତାଂଶ ଏଠାରେ ଉପସ୍ଥାପିତ କରିବି ଯେଉଁ ଉଦ୍ଧୃତାଂଶରେ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଆବଶ୍ୟକତା, ଅଭିପ୍ରାୟ ଏବଂ ବହୁ ପୂର୍ବରୁ କରାଯାଇଥିବା ଭବିଷ୍ୟତବାଣୀଗୁଡ଼ିକ କିଭଳି ସଂପୂର୍ଣ୍ଣ ହୋଇଥିଲା । ଅର୍ଥାତ ପବିତ୍ର

କୁରଆନରେ ଯେଉଁ ଭବିଷ୍ୟତବାଣୀଗୁଡ଼ିକ ଉଲ୍ଲେଖ ରହିଛି ଓ ଆଁହଜ଼ରତ ସ.ଅଙ୍କ ମୁଖନିଃସୃତବାଣୀରେ ମଧ୍ୟ ଏହାର ଉଲ୍ଲେଖ ରହିଛି । ଉକ୍ତ ଭବିଷ୍ୟତବାଣୀରୁ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ପ୍ରମାଣ ମିଳିଥାଏ । ଅତଏବ ସେହିପରି ଜମାଅତ୍ ଅହେମଦିୟାରେ ସେହି ପବିତ୍ର ପରିବର୍ତ୍ତନ ସଂପର୍କରେ ମଧ୍ୟ ମୁଁ ଚର୍ଚ୍ଚା କରିବି ଯେଉଁ ପରିବର୍ତ୍ତନ ସାହାବାମାନଙ୍କ କ୍ଷେତ୍ରରେ ଦେଖା ଦେଇଥିଲା ସେହିଭଳି ପରିବର୍ତ୍ତନ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ ସେହି କଷ୍ଟ ସଂପର୍କରେ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ଯେଉଁ କଷ୍ଟ ମଧ୍ୟ ଦେଇ ସାହାବାମାନେ ଗତି କରିଛନ୍ତି, ସେହିଭଳି କଷ୍ଟ ମଧ୍ୟ ଦେଇ ଆମ ଜମାଅତ୍ର ସଦସ୍ୟମାନେ ମଧ୍ୟ ଗତି କରୁଛନ୍ତି । ଅତଏବ ଆମମାନଙ୍କୁ ସର୍ବଦା ଏହି କଥାଗୁଡ଼ିକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । କାରଣ ସାମଗ୍ରୀକ ଭାବରେ କହିବାକୁ ଗଲେ ଆମେମାନଙ୍କ ଉନ୍ନତି ଘଟିବା ଉଚିତ୍ ନା କି ଆମମାନଙ୍କର ଅଧଃପତନ ଘଟିବା ଉଚିତ୍ । ଉପରୋକ୍ତରେ ମୁଁ ଯେଉଁ ପବିତ୍ର କୁରଆନର ଆୟତ ଆବୃତ୍ତି କରିଛି ସେହି ଆୟତ୍ର ବ୍ୟାଖ୍ୟା କରି ଏକ ସ୍ଥାନରେ ହ. ମସିହ୍ ମଉଦ୍ ଅ.ସ କହନ୍ତି:

ଉକ୍ତ ଆୟତ୍ର ସାରମର୍ମ ଏହା ଯେ, ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କୁ ଏଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ପ୍ରେରଣ କଲେ ଯେତେବେଳେ ଲୋକମାନେ ଧାର୍ମିକ ତତ୍ତ୍ୱ ଜ୍ଞାନକୁ ସଂପୂର୍ଣ୍ଣ ରୂପେ ଭୁଲି ବସିଥିଲେ ଏବଂ ଲୋକମାନେ ମାର୍ଗଚ୍ୟୁତ ହୋଇ ଯାଇଥିଲେ । ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ଅଲ୍ଲାଃତାଲା ନିଜର ନିରକ୍ଷର ବାର୍ତ୍ତାବହଙ୍କୁ ପ୍ରେରଣ କଲେ ଯେଉଁ ବାର୍ତ୍ତାବହ ଆସି ସେହି ଆତ୍ମାମାନଙ୍କୁ ପବିତ୍ର କରିଥିଲେ ଏବଂ ସେମାନଙ୍କୁ ଧର୍ମଗ୍ରନ୍ଥ ଓ ତତ୍ତ୍ୱ ଶିକ୍ଷା ପ୍ରଦାନ କରିଥିଲେ । ପୁନଶ୍ଚ ହ. ମସିହ୍ ମଉଦ୍ ଅ. କହିଲେ ଆଉ ଏକ ଗୋଷ୍ଠୀ ଅଛି ଯିଏ ଶେଷଯୁଗ ଅର୍ଥାତ କଳିଯୁଗରେ ଆବିର୍ଭୂତ ହେବ । ସେହି କଳିଯୁଗର ଲୋକମାନେ ମଧ୍ୟ ଅନ୍ଧକାର ଏବଂ ମାର୍ଗଚ୍ୟୁତ ଥିବେ ଏବଂ ଧାର୍ମିକ ଜ୍ଞାନ ତଥା ତତ୍ତ୍ୱ ଜ୍ଞାନରୁ ଶୂନ୍ୟ ଥିବେ । ସେତେବେଳେ ଅଲ୍ଲାଃତାଲା ସେହି ଗୋଷ୍ଠୀଙ୍କୁ ମଧ୍ୟ ସାହାବାମାନଙ୍କ ଭଳି ସେହି ମସିହ୍ଙ୍କ ସତ୍ୟତାକୁ ଅବଲୋକନ କରାଇବେ । ଏପରିକି ସେହି ଗୋଷ୍ଠୀ ନିଷ୍ପପରତା, ନୈତିକତା ଓ ବିଶ୍ୱାସରେ ମଧ୍ୟ ପୂର୍ବ ସାହାବାମାନଙ୍କ ପରି ସମତୁଲ ହୋଇଥିବେ ।

ଅତଏବ ଏହା ହିଁ ସେହି ବିଶ୍ୱାସ ଯେଉଁ ବିଶ୍ୱାସଟି ଆମମାନଙ୍କ ମଧ୍ୟରେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ରେ ଆସି ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ଉପରେ ହେବା ଉଚିତ । ସାହାବାମାନଙ୍କର ଯେଉଁଭଳି ବିଶ୍ୱାସ ଆଁହଜ଼ରତ ସ.ଅଙ୍କ ଉପରେ ଏବଂ ଇସ୍ଲାମ୍ ଉପରେ ରହିଥିଲା ଏବଂ ଯେଉଁ ବିଶ୍ୱାସ ସଂପର୍କରେ ମୁଁ ପୂର୍ବ ଖୁତ୍ବାଗୁଡ଼ିକରେ ମଧ୍ୟ ଆଲୋଚନ କରି ଆସିଛି ଏବଂ ଉଦାହରଣ ମଧ୍ୟ ଆମମାନଙ୍କ ସମ୍ମୁଖରେ ରହିଛି । ହ. ମସିହ୍ ମଉଦ୍ ଅ.ସ କହନ୍ତି ସଠିକ୍ ହଦିସ୍ରେ ମଧ୍ୟ ଆଁହଜ଼ରତ ସ.ଅ ଉକ୍ତ ଆୟତ୍ର ବ୍ୟାଖ୍ୟା ସମୟରେ ହ. ସଲ୍ମାନ ଫାର୍ସିଙ୍କ କାନ୍ଧ ଉପରେ ହାତ ରଖିଥିଲେ ଏବଂ କହିଥିଲେ । **ଲୌ କାନଲ୍ ଇମାନୁ ମୁଅଲ୍ଲକନ୍ ବିସ୍ସୁରୈୟା ଲନାଲହୁ ରଜୁଲୁନ୍ ମିନ୍ ଫାରିସ୍ ।** *ଅର୍ଥାତ ଈଶ୍ୱର ବିଶ୍ୱାସ ଯେତେବେଳେ ଧରାପୃଷ୍ଠରୁ ଉଭେଇ ଯାଇ ଆକାଶଲୋକକୁ ଉଠି ଆସିବ ସେତେବେଳେ ଜଣେ ଫାର୍ସୀୟ ବଂଶୋଦ୍ଭବ ବ୍ୟକ୍ତି ଉକ୍ତ ବିଶ୍ୱାସକୁ ପୁନଃ ପୃଥିବୀରେ ସ୍ଥାପନ କରିବେ ।* ଉକ୍ତ କଥାଟି ଏହି ଆଡ଼କୁ ଇଙ୍ଗିତ କରେ ଯେ, ଶେଷ ଯୁଗରେ ଅର୍ଥାତ କଳି ଯୁଗରେ ଫାର୍ସୀୟ ବଂଶୋଦ୍ଭବ ବ୍ୟକ୍ତି ଧରା ପୃଷ୍ଠରେ ଜନ୍ମ ଗ୍ରହଣ କରିବେ । ସେହି ଯୁଗ ସଂପର୍କରେ ହଦିସ୍ରେ ଉଲ୍ଲେଖ ରହିଛି ଯେ, କୁରଆନ୍ ଆକାଶକୁ ଉଠାଇ ନିଆଯିବ । ଏହା ହିଁ ସେହି ଯୁଗ ଯେଉଁ ଯୁଗକୁ ମସିହ୍ ମଉଦ୍ ଅ.ସଙ୍କ ଯୁଗ ଭାବରେ ଅଭିହିତ କରାଯାଏ । କାରଣ ଏହା ହିଁ ସେହି ଶୁଳୀର ଆକ୍ରମଣ ଯେଉଁ ଆକ୍ରମଣକୁ ଅନ୍ୟ ଅର୍ଥରେ ଦଜ୍ଜାଲ୍ (ପ୍ରବଞ୍ଚକ)ର ଉପଦ୍ରବ ବୋଲି କୁହାଯାଏ । ସେହି ଦଜ୍ଜାଲ୍ର ଆକ୍ରମଣ ସମୟରେ ଅନେକ ଅବୋଧ ବ୍ୟକ୍ତି ଏକେଶ୍ୱରଙ୍କୁ ପରିତ୍ୟାଗ କରିଦେବେ ଏବଂ ଅନେକ ଲୋକମାନଙ୍କର ବିଶ୍ୱାସ, ପ୍ରେମ କ୍ରମଶଃ ଶିଥିଳ ହୋଇ ପଡ଼ିବ । ସେତେବେଳେ ମସିହ୍ ମଉଦ୍ ଅ.ସଙ୍କର ଗୁରୁଦାୟିତ୍ୱ ଏହା ହେବ ଯେ, ସେ ଧର୍ମ ବିଶ୍ୱାସର ନୂତନ ସଂସ୍କରଣ ଏବଂ ସଂଶୋଧନ କରିବେ । ତାଙ୍କ ଜମାଅତ୍ ସପକ୍ଷରେ ପବିତ୍ର କୁରଆନ୍ କରୀମ୍ର ଏକ ଆୟତ ମଧ୍ୟ ରହିଛି ଯେ, **ୱ ଆଖରିନା ମିନ୍ହୁମ୍ ଲମ୍ମା ୟଲ୍ହକ୍କୁ ବିହିମ୍ ।** *ଅର୍ଥାତ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ଅଲ୍ଲାଃତାଲା ପ୍ରତିଶ୍ରୁତ ମସିହ୍ଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।*

ଉପରୋକ୍ତ ଆୟତର ଅର୍ଥ ଏହା ଯେ, ସମ୍ପୂର୍ଣ୍ଣ ବିଭ୍ରାନ୍ତ ପରେ ମାର୍ଗଦର୍ଶନ ଏବଂ ତତ୍ତ୍ୱ ପ୍ରାପ୍ତକାରୀ ଏବଂ ଆଁହଜ଼ରତ ସ.ଅଙ୍କ ଚମତ୍କାର ଏବଂ କଲ୍ୟାଣକୁ ଅବଲୋକନକାରୀ କେବଳ ଦୁଇଟି ଗୋଷ୍ଠୀ ଅଟନ୍ତି । ପ୍ରଥମ ଗୋଷ୍ଠୀ ଆଁହଜ଼ରତ ସ.ଅଙ୍କ ସାହାବାମାନେ । ଦ୍ୱିତୀୟ ଗୋଷ୍ଠୀଟି ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍ ଅଟେ । କାରଣ ଏହା ହେଉଛି ସେହି ଗୋଷ୍ଠୀ ଯେଉଁ ଗୋଷ୍ଠୀ ସାହାବାମାନଙ୍କ ପରି ଆଁହଜ଼ରତ ସ.ଅଙ୍କ ଚମତ୍କାରକୁ ଅବଲୋକନ କରିବ ଏବଂ ଅନ୍ଧକାର ଏବଂ ବିମାର୍ଗ ପରେ ମାର୍ଗଦର୍ଶନ ପ୍ରାପ୍ତକାରୀ ଗୋଷ୍ଠୀ ରୂପେ ବିବେଚିତ ହେବ । ପୁନଶ୍ଚ ହ. ମୁହମ୍ମଦ୍ ସ.ଅଙ୍କ ଚମତ୍କାରର ଦ୍ୱାର ଉନ୍ମୁକ୍ତ ହୋଇଯାଇଛି ଏବଂ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କଲେ ଯେ, ହଦିସ୍ ଦାରେ କୁତ୍‌ନୀ ଏବଂ ଫତାୱା ଇବ୍‌ନେ ହଜର୍‌ର ହଦିସ୍ ଅନୁଯାୟୀ ରମ୍‌ଜ଼ାନ୍ ମାସରେ **କୁସୁଫ୍ ଖୁସୁଫ୍** (ଅର୍ଥାତ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ) ଆବିର୍ଭୂତ ହେଲା । ପୁନଶ୍ଚ ମସିହ୍ ଓ ମେହ୍‌ଦୀଙ୍କ ଆବିର୍ଭୂତ ହେବା ସଂପର୍କରେ ଆଉ ଏକ ନିଦର୍ଶନ ବର୍ଣ୍ଣନା କରାଯାଏ ଯେ, ମସିହ୍‌ଙ୍କ ଆବିର୍ଭୂତ ସମୟରେ **ଜ୍ଜୁସିନ୍‌ନୈନ୍** ତାରକା ମଧ୍ୟ ଦୃଶ୍ୟମାନ ହେବ । ଏହି ଦିନର୍ଶନକୁ ଉର୍ଦ୍ଧ୍ୱ ହଜ଼ାର ଲୋକମାନେ ଅବଲୋକନ କରିବେ । ସେହିପରି ଜାଭାର ଜ୍ୱାଳାମୁଖୀ ମଧ୍ୟ ମନୁଷ୍ୟମାନେ ଅବଲୋକନ କଲେ ଏବଂ ସେହିପରି ପ୍ଲେଗ୍ ରୋଗର ବ୍ୟାପିବା ଏବଂ ମସିହ୍‌ଙ୍କୁ ହଜ୍ କରିବାକୁ ଅଟକାଇ ଦିଆଯିବ ଆଦି ନିଦର୍ଶନକୁ ମଧ୍ୟ ସମସ୍ତ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କଲେ । ଦେଶରେ ରେଳ ଚଳାଚଳ ପ୍ରସ୍ତୁତ ହେବା ଏବଂ ଓଟକୁ ପରିତ୍ୟକ୍ତ କରି ଦିଆଯିବ । ଅତଏବ୍ ଏହି ସମସ୍ତ ନିଦର୍ଶନ ଆଁଜ଼ରତ ସ.ଅଙ୍କର ଚମତ୍କାର ଅଟେ ଯାହାକି ସାଂପ୍ରତିକ ଯୁଗରେ ଅକ୍ଷରେ ଅକ୍ଷରେ ପୂରଣ ହୋଇଥିଲା ଏବଂ ଯେଁଉ ନିଦର୍ଶନକୁ ଆଁହଜ଼ରତ ସ.ଅଙ୍କ କାଳରେ ସାହାବାମାନେ ଅବଲୋକନ କରିଥିଲେ ।

ସାଂପ୍ରତିକ ଯୁଗରେ ଆମ ଜମାଅତ୍‌କୁ ଗଠନ କରିବା ପଛରେ ଅନେକ କାରଣମାନ ରହିଛି । ତନ୍ମଧ୍ୟରୁ ପ୍ରଥମ କାରଣ ହେଉଛି ଯେ, ଉକ୍ତ ଜମାଅତ୍‌କୁ ସାହାବାମାନଙ୍କ ସହିତ ତୁଳନା କରାଯାଇଛି ଏବଂ ସାମଞ୍ଜସ୍ୟତା ମଧ୍ୟ ପ୍ରଦାନ କରାଯାଇଛି । ଏହି ଜମାଅତ୍ ସେହିସବୁ ଚମତ୍କାରକୁ ସେହିଭଳି ଅବଲୋକନ କରେ ଯେଉଁଭଳି ଆଁହଜ଼ରତ ସ.ଅଙ୍କ କାଳରେ ସାହାବା ରିଜ୍ୱାନୁଲ୍ଲାଃ ଅଲୈହମ୍‌ମାନେ ଅବଲୋକନ କରିଥିଲେ । ଆମର ଜମାଅତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଲୋକମାନଙ୍କର ଉପହାସ ଏବଂ ଶ୍ରାପ, ବ୍ୟଙ୍ଗ ବିଦ୍ରୂପ, କଷ୍ଟ ଏବଂ ଅଶ୍ଳୀଳ ଭାଷା ପ୍ରୟୋଗକୁ ସେହିଭଳି ସହ୍ୟ କରୁଛି ଯେଉଁଭଳି ଦୁଃଖ କଷ୍ଟ ସାହାବାମାନଙ୍କୁ ଅଲ୍ଲାଃତାଲାଙ୍କ ମାର୍ଗରେ ଭୋଗିବାକୁ ପଡ଼ିଥିଲା । ହୁଜୁର ଅ.ସ କହନ୍ତି ସେହି ଲୋକମାନଙ୍କ ମଧ୍ୟରୁ (ଅର୍ଥାତ ଆମ ଜମାଅତ୍‌ରେ) ଏପରି ଅନେକ ବ୍ୟକ୍ତିମାନେ ଅଛନ୍ତି ଯେଁଉମାନେ ନମାଜ଼ରେ ବିଳାପ କରନ୍ତି ଏବଂ ସଜ୍‌ଦାର ସ୍ଥାନକୁ ଲୁହ ଦ୍ୱାରା ଭିଜାଇ ଦିଅନ୍ତି । ଯେଉଁଭଳି ସାହାବାମାନେ ସଜ୍‌ଦାରେ ବିଳାପ କରୁଥିଲେ ଏବଂ ସଜ୍‌ଦା ସ୍ଥାନକୁ ଲୁହ ଦ୍ୱାରା ଭିଜାଇ ଦେଉଥିଲେ । ଯେଉଁଭଳି ସତ୍ୱ ସ୍ୱପ୍ନ ଏବଂ ଐଶୀବାଣୀ ହୁଜୁର୍ ସ.ଅଙ୍କ ସାହାବାମାନଙ୍କୁ ହେଉଥିଲା ସେହିଭଳି ଆମ ଜମାଅତ୍‌ର ଅନେକ ଲୋକମାନଙ୍କୁ ମଧ୍ୟ ସତ୍ୟ ସ୍ୱପ୍ନ ହୁଏ ଏବଂ ଐଶୀବାଣୀ ହୁଏ । ସାହାବାମାନେ ଯେଉଁଭଳି ନିଜର ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ ପାଇଁ ତଥା ଇସ୍‌ଲାମ୍‌ର ଉନ୍ନତି ପାଇଁ ବ୍ୟୟ କରିଥିଲେ ସେହିପରି ଆର୍ଥିକ ବଳିଦାନ ଆମ ଜମାଅତ୍‌ର ଅନେକ ଲୋକମାନେ ସ୍ୱଉପାର୍ଜିତ ଧନକୁ ଅଲ୍ଲାଃତାଲାଙ୍କର ପ୍ରସନ୍ନତାକୁ ପ୍ରାପ୍ତ କରିବା ପାଇଁ ଅଲ୍ଲାଃତାଲାଙ୍କ ମାର୍ଗରେ ଏବଂ ଆମ ସଂପ୍ରଦାୟର କଲ୍ୟାଣ ପାଇଁ ବ୍ୟୟ କରିଦିଅନ୍ତି । ଅତଏବ ଉକ୍ତ ଜମାଅତ୍‌ରେ ଏହି ସମସ୍ତ ନିଦର୍ଶନ ଦେଖିବାକୁ ମିଳେ । ଏହା ହେଉଛି ସେହି ଯୁଗ ଯେଉଁ ଯୁଗରେ ଅଲ୍ଲାଃତାଲା ଏହି ଇଚ୍ଛା ପ୍ରକାଶ କଲେ ଯେ, ସେ ବିଭିନ୍ନ ଜାତିକୁ ଗୋଟିଏ ଜାତିରେ ପରିଣତ କରିଦେବେ ଏବଂ ସେହି ଧାର୍ମିକ କଳହକୁ ସମାପ୍ତ କରି ଗୋଟିଏ ଧର୍ମରେ ସମସ୍ତଙ୍କୁ ଏକତ୍ରିତ କରିବେ ଏବଂ ସେହି ଯୁଗ ସଂପର୍କରେ ଯେଉଁ ଯୁଗଟି ସାମୁଦ୍ରିକ ଜୁଆର ଅଟେ (ସଂଘର୍ଷ ଓ କଳହର ଯୁଗ) ସେ ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କହନ୍ତି କେନାଲ ଖନନ ହେବ ଯେଉଁ କେନାଲ୍ ମାଧ୍ୟମରେ ଜଳ ସେଚନ ହେବ ଏବଂ ଭୂମି ନିଜର ଗର୍ଭରେ ଥିବା ସମସ୍ତ ଗୁପ୍ତ ଖଣି ଓ ଖଣିଜ ପଦାର୍ଥକୁ ବାହାର କରିଦେବ ଏବଂ ପୁସ୍ତକ ପ୍ରକାଶନ ପାଇଁ ଅନେକ ସାଧାନଗୁଡ଼ିକ ବାହାରି ପଡ଼ିବ ଯେଉଁ ମାଧ୍ୟମକୁ ବିନିଯୋଗ କରି ବହୁଳ ପରିମାଣରେ ପୁସ୍ତକ ପ୍ରକାଶିତ ହେବ । ସେହି ଯୁଗରେ ଏଭଳି ଏକ ବାହାନ ଆବିଷ୍କୃତ ହେବ ଯଦ୍ୱାରା ଓଟ ସଂପୂର୍ଣ୍ଣ ରୂପେ ପରିତ୍ୟକ୍ତ ହେବ ଏବଂ ଏହି ବାହାନ ମାଧ୍ୟମରେ ସାକ୍ଷାତ୍ ଓ ଅନ୍ୟ ସ୍ଥାନକୁ ଗମାନଗମନ ସହଜ ହୋଇଯିବ । ସେହି ଯୁଗରେ ଗୋଟିଏ ମାସରେ ହିଁ ଆକାଶରେ ସୂର୍ଯ୍ୟଗ୍ରହଣ ଏବଂ ଚନ୍ଦ୍ର ପରାଗ ଦୃଶ୍ୟମାନ ହେବ । ଏହାପରେ ଭୂପୃଷ୍ଠରେ ପ୍ଲେଗ୍ ରୋଗର ଦୌରାତ୍ମ୍ୟ ବ୍ୟାପିବ । ବୁଦ୍ଧିମାନ ବ୍ୟକ୍ତି ପାଇଁ

ଏହା ସ୍ପଷ୍ଟ ଏବଂ ଜାଜୁଲ୍ୟମାନ ମାର୍ଗ ଓ ନିଦର୍ଶନ ଅଟେ । କାରଣ ଅଲ୍ଲାଃତାଲା ଏଭଳି ସମୟରେ ମୋତେ (ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କୁ) ଅବତୀର୍ଣ୍ଣ କଲେ ଯେଉଁ ସମୟରେ ପବିତ୍ର କୁରଆନ୍‌ର ଲିଖିତ ସମସ୍ତ ଲକ୍ଷଣ ଓ ନିଦର୍ଶନ ଆବିର୍ଭୂତ ହୋଇ ସାରିଥିଲା ।

ହ. ମସିହ୍ ମଉଦ୍ ଅ.ସ ନିଜ ଦାବି ସଂପର୍କରେ କହନ୍ତି ଯେ, ମୁଁ ହେଉଛି ସେହି ବ୍ୟକ୍ତି ଯିଏ ଯଥା ସମୟରେ ପ୍ରକଟିତ ହେଲା, ଭୂପୃଷ୍ଠରେ ମୋ ପରି ଏଭଳି କୌଣସି ବ୍ୟକ୍ତି ଅଛନ୍ତି ଯିଏ ନିଦର୍ଶନ ପ୍ରଦର୍ଶନ କରିବାରେ ମୋ ସହିତ ମୁକାବିଲା କରିପାରିବ ଏବଂ ମୋତେ ପରାଜିତ କରିପାରିବ ? ମୁଁ ସେହି ପରମେଶ୍ୱରଙ୍କ ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । ବର୍ତ୍ତମାନ ସୁଦ୍ଧା ମୋ ହସ୍ତରେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ନିଦର୍ଶନ ପ୍ରକାଶ୍ୟ ହୋଇଅଛି ଏବଂ ପ୍ରାୟ ମୁଁ ଦଶ ହଜ଼ାରରୁ ଉର୍ଦ୍ଧ୍ୱ ଥର ଅଥବା ତତ୍ତ୍ୱାଧିକ ଥର ଲୋକମାନେ ଆଁହଜ଼ରତ ସ.ଅଙ୍କୁ ସ୍ୱପ୍ନରେ ଦେଖିଛନ୍ତି ଏବଂ ଆଁହଜ଼ରତ ସ.ଅ ମୋର ପୁଷ୍ଟି କଲେ ।

ସତ୍ୟ କଥା ଏହା ହିଁ ଯେ, ମସିହ୍ ଏବଂ ମେହ୍‌ଦୀଙ୍କର ଏହି ଦାୟିତ୍ୱ ରହିଛି ଯେ, ସେ ଯୁଦ୍ଧର ପରମ୍ପରାକୁ ବନ୍ଦ କରିବେ ଅର୍ଥାତ ଯୁଦ୍ଧ ବିରାମ ଘୋଷଣା କରିବେ ଏବଂ କଲମ, ଦୁଆ ଏବଂ ଧ୍ୟାନ ଦ୍ୱାରା ଇସ୍‌ଲାମ୍‌କୁ ଜୟଯୁକ୍ତ କରାଇବେ। ଦୁଃଖ ଓ ପରିତାପର ବିଷୟ ଯେ, ଲୋକମାନେ ଏହି କଥାକୁ ବୁଝିପାରୁ ନାହାନ୍ତି । କାରଣ ଲୋକମାନଙ୍କର ଧ୍ୟାନ ଯେଉଁଭଳି ସଂସାର ପ୍ରତି ମୋହାସକ୍ତ ସେହିଭଳି ଆସକ୍ତତା ଧର୍ମ ପ୍ରତି ଆଉ ନାହିଁ । ବରଂ ଲୋକମାନଙ୍କ ମନରେ ଧର୍ମ ପ୍ରତି ବିତୃଷ୍ଣା ଭାବ ରହିଛି । ହ. ମସିହ୍ ମଉଦ୍ ଅ.ସ କହିଲେ ସାଂସାରିକ କଳୁଷତା ଏବଂ ଅପବିତ୍ରତାରେ ଗ୍ରସିତ ତଥା ଆସକ୍ତ ହୋଇ ଏହା କିପରି ଆଶା କରା ଯାଇପାରିବ ଯେ, ସେହି ଲୋକମାନଙ୍କ ଉପରେ ପବିତ୍ର କୁରଆନ କରୀମ୍‌ର ନିଗୂଢ ରହସ୍ୟ ଏବଂ ତତ୍ତ୍ୱଜ୍ଞାନ ତଥା ପରିଚୟ ଉନ୍ମୁକ୍ତ ହେବ । ବରଂ କୁରଆନ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, **ଲା ୟମସ୍‌ସୁହୁ ଇଲ୍ଲଲ୍ ମୁତହହର୍ରୁନ୍** । ମୋ ଅବତୀର୍ଣ୍ଣ ହେବାର ପ୍ରାଥମିକ ଉଦ୍ଦେଶ୍ୟ କ'ଣ ? ମୋର ଆଗମନର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ କେବଳ ଇସ୍‌ଲାମ୍‌ର ନବୀରଣ, ସଂଶୋଧନ ଓ ସୁଧାର କରିବା ଅଟେ । ଆଁହଜ଼ରତ ସ.ଅଙ୍କ ଧର୍ମବିଧାନ ଏବଂ ଅବତାରତ୍ୱ ଶେଷ ହୋଇଯାଇଛି । ବର୍ତ୍ତମାନ ନୂତନ କୌଣସି ଧର୍ମ ବିଧାନ ଆଉ ଆସିପାରିବ ନାହିଁ । ସର୍ବସମ୍ମତ କ୍ରମେ ଏହା ଗୃହୀତ ଯେ, ପ୍ରତ୍ୟେକ ପ୍ରକାରର ଦୁର୍ବଳତା, ଅଧୋଗତିର ଶରବ୍ୟ ମୁସଲମାନମାନେ ହିଁ ହେଉଛନ୍ତି । ଅଲ୍ଲାଃତାଲା ମୋତେ ଏଭଳି ସମୟରେ ପ୍ରେରଣ କରିଛନ୍ତି ଯେ, ମୁଁ ତାଙ୍କର ସମର୍ଥନ ଏବଂ ତତ୍ତ୍ୱାବଧାରକତ୍ୱ ଗ୍ରହଣ କରିବି ଏବଂ ସେ ମୋତେ ନିଜର ପ୍ରତିଶୃତି ଅନୁଯାୟୀ ପ୍ରେରଣ କରିଛନ୍ତି ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ନିଜ ଶତ୍ରୁ ଓ ବିରୋଧୀମାନଙ୍କ ବିକୃତ ମାନସିକତା ଏବଂ କୁଧାରଣାର ଚର୍ଚ୍ଚା କରି କହନ୍ତି: ମୁଁ ଏହି କଥା ଯୋଗୁଁ ଦୁଃଖିତ ହେଉ ନାହିଁ ଯେ, ମୋର ନାମ ଦଜ୍ଜାଲ୍ (ପ୍ରବଞ୍ଚକ) ଏବଂ କଜ୍‌ଜ଼ାବ୍ (ଘୋର ମିଥ୍ୟାବାଦୀ) ରଖାଯାଏ ଏବଂ ମୋ ଉପରେ ନାନା ପ୍ରକାରର ଲାଞ୍ଛନା ଓ ଅପବାଦ ପ୍ରୟୋଗ କାରାଯାଏ । ବରଂ ଏହା ଆବଶ୍ୟକ ଥିଲା ଯେ, ଯେଉଁଭଳି ବ୍ୟବହାର ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ନବୀମାନଙ୍କ ସହିତ ହୋଇଥିଲା ସେହିଭଳି ବ୍ୟବହାର ମୋ ସହିତ ମଧ୍ୟ ପ୍ରଦର୍ଶନ ହେଉ । ଯେଉଁଭଳି ଦୁଃଖ କଷ୍ଟ ଯନ୍ତ୍ରଣା ଏବଂ ବିପତ୍ତିର ସମ୍ମୁଖୀନ ଆମର ପ୍ରିୟ ନବୀ ସହ୍ୟ କରିଛନ୍ତି ମୁଁ ସେହିସବୁ ଦୁଃଖକଷ୍ଟ ଏବଂ ବିପତ୍ତିର ସମ୍ମୁଖୀନ ହୋଇନାହିଁ । ମୁଁ ନିଜର ଲେଖନୀ ମାଧ୍ୟମରେ ସଂପୂର୍ଣ୍ଣ ରୂପେ ଏହି ପଦ୍ଧତିକୁ ଅନୁସରଣ ତଥା ଉପସ୍ଥାପିତ କରିଛି ଯେଉଁ ପଦ୍ଧତି ମାଧ୍ୟମରେ ଇସ୍‌ଲାମ୍ ଧର୍ମ ସାଫଲ୍ୟମଣ୍ଡିତ ହୋଇ ପାରିବ ଏବଂ ଅନ୍ୟ ଧର୍ମ ଉପରେ ବିଜୟ ଲାଭ କରିବ । ଯଦି ତୁମେମାନେ ମୋତେ ଅଲ୍ଲାଃତାଲାଙ୍କ ଶପଥ ଦେବା ପରେ ଏବଂ ସେହି ନିଦର୍ଶନଗୁଡ଼ିକୁ ଯାହାକି ମୋ ସପକ୍ଷରେ ପ୍ରକାଶିତ ହୋଇଅଛି ମୋତେ କୁଟିଳ ଏବଂ ମିଥ୍ୟାବାଦୀ ବୋଲି ମନେକରୁଛ ତାହାହେଲେ ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ଶପଥ ଦେଉଛି ଯେ, ତୁମେମାନେ କୁଟିଳ ଏବଂ ମିଥ୍ୟାବାଦୀର ଏହିପରି ନିଦର୍ଶନ ଏବଂ ଐଶୀ ସମର୍ଥନର ଦୃଷ୍ଟାନ୍ତ ମୋ ଆଗରେ ଉପସ୍ଥାପିତ କରି ମୋତେ ଦେଖାଇ ଦିଅ । କାରଣ ଏଭଳି ମିଥ୍ୟାଚାରୀ ଏବଂ କୁଟିଳ ସ୍ୱଭାବୀ ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କ ଉପରେ ମିଥ୍ୟା ପ୍ରୟୋଗ କରେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କଦାପି ସମର୍ଥନ ଜଣାଇବେ ନାହିଁ । ତୁମେମାନେ ଏଭଳି ଦୃଷ୍ଟାନ୍ତ ମୋତେ ଆଣି ଦେଖାଇ ତ' ଦିଅ ! କ'ଣ ପୃଥିବୀରେ ପରିବ୍ୟାପ୍ତ ଜମାଅତ୍ ଅହେମଦିୟା ଏହି କଥାର ସ୍ପଷ୍ଟ ପ୍ରମାଣ ନୁହେଁ ଯେ,

ଅଲ୍ଲାଃତାଲାଙ୍କର ସମର୍ଥନ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ରହିଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ସତ୍ୟବାଦୀ ଅଟେ ଏବଂ ତାଙ୍କ ନିକଟରୁ ଆସିଅଛି ।

ପୁନଶ୍ଚ ପ୍ରତ୍ୟେକ ମକଦ୍ଦମାରେ ମୋ ବିରୁଦ୍ଧରେ ଛିଡ଼ା ହେଉଥିବା ପ୍ରତିପକ୍ଷ ଗୋଷ୍ଠୀକୁ ସମର୍ଥନ ଦେବା ବଦଳରେ ମୋତେ ସାହାଯ୍ୟ ତଥା ସମର୍ଥନର ହାତ ବଢାଇଛନ୍ତି ଓ ମୋତେ ରକ୍ଷା କରନ୍ତି ଏବଂ ଏଭଳି ସାହାଯ୍ୟ ଯଦ୍ୱାରା ଲକ୍ଷାଧିକ ବ୍ୟକ୍ତିମାନଙ୍କ ମନରେ ମୋର ପ୍ରେମକୁ ନିବିଷ୍ଟ କରିଦେଲେ । ମୁଁ ଦୃଢତାର ଓ ପୂର୍ଣ୍ଣ ବିଶ୍ୱାସର ସହିତ ଏବଂ ପୂର୍ଣ୍ଣ ବୁଦ୍ଧିମତାର ସହିତ କହୁଛି ଯେ, ଅଲ୍ଲାଃତାଲା ଅନ୍ୟ ଧର୍ମକୁ ବିଲୀନ କରି ଇସ୍‌ଲାମ୍ ଧର୍ମକୁ ବିଜୟ ଏବଂ ଶକ୍ତି ପ୍ରଦାନ କରିବେ । ଅତଏବ ମୁଁ ଯଦି ଆଁହଜ଼ରତ ସ.ଅଙ୍କ ଜାତିର ହୋଇ ନଥାଆନ୍ତି କିମ୍ବା ମୁଁ ଆଁହଜ଼ରତ୍ ସ.ଅଙ୍କୁ ଅନୁସରଣ କରି ତାଙ୍କର ଆଜ୍ଞା ପାଳନ କରି ନଥାଆନ୍ତି ଏବଂ ମୋର ପର୍ବତ ପରି ପୁଣ୍ୟ କର୍ମ ଥାଆନ୍ତା ତାହାହେଲେ ମଧ ମୁଁ ଏହି ଐଶୀବାଣୀମୂଳକ କଥୋପକଥନର ସମ୍ମାନକୁ ପ୍ରାପ୍ତ କରିପାରି ନଥାଆନ୍ତି । କାରଣ ଆଁହଜ଼ରତ ସ.ଅଙ୍କ ଅବତାରତ୍ୱ ପରେ ସମସ୍ତ ପ୍ରକାରର ନବୁଓତ୍ (ଅବତାରତ୍ୱ) ଅବରୁଦ୍ଧ ତଥା ପରିସମାପ୍ତି ଘଟିଛି । ନୂତନ ଧର୍ମବିଧାନକୁ ଘେନି କୌଣସି ନବୀ ଆସି ପାରିବେ ନାହିଁ । କିନ୍ତୁ ଧର୍ମ ବିଧାନ ବିହୀନ ନବୀ ଆସି ପାରିବେ । ଅଲ୍ଲାଃତାଲା ଯେଉଁ କାର୍ଯ୍ୟ ଲାଗି ମୋତେ ନିଯୁକ୍ତ କରିଛନ୍ତି ସେହି କାର୍ଯ୍ୟଟି ହେଉଛି ଯେ, ମୁଁ ଅଲ୍ଲାଃତାଲାଙ୍କ ସୃଷ୍ଟ ପ୍ରାଣୀମାନଙ୍କର ସେବା କରିବି ଅର୍ଥାତ ମାନବ ସେବା ହିଁ ମୋର ପରମ ଧର୍ମ ଅଟେ । ଅଲ୍ଲାଃତାଲାଙ୍କ ପ୍ରାଣୀଙ୍କ ସଂପର୍କ ମଧରେ ଯେଉଁ କଳୁଷତା ପରିଲକ୍ଷିତ ହୋଇଛି ଏବଂ ପ୍ରାଣୀଙ୍କ ଦୁଃଖକୁ ଦେଖି ମୁଁ କିପରି ବା ସହ୍ୟ କରିପାରିବ । ବରଂ ତାହାକୁ ଦୂର କରି ପ୍ରେମ, ସଦ୍‌ଭାବନା ଏବଂ ନୈଷ୍ଠିକ ସଂପର୍କକୁ ପୁନର୍ବାର ସ୍ଥାପିତ କରିବି ।

ହୁଜୁର ଅନୱର ଅ.ବ କହିଲେ: ଅଲ୍ଲାଃତାଲା କରନ୍ତୁ କି ପୃଥିବୀରେ ବସବାସ କରୁଥିବା ଲୋକମାନେ ବିଶେଷ କରି ମୁସଲମାନମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଦାବିଗୁଡ଼ିକୁ ବୁଝନ୍ତୁ । ସେମାନେ ଯଥାଶୀଘ୍ର ମସିହ୍ ଏବଂ ମେହ୍‌ଦୀଙ୍କ ବୈଅତ୍‌ରେ ସାମିଲ୍ ହୁଅନ୍ତୁ । ମୁଁ ପୁନର୍ବାର ପାକିସ୍ତାନରେ ବସବାସ କରୁଥିବା ଅହେମଦି ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । କାରଣ ସେଠାରେ ପୁନର୍ବାର ପରିସ୍ଥିତି ଜଟିଳ ହୋଇ ଚାଲିଛି । ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଉପଦ୍ୱୀପରେ ଘଟୁଛି ଏବଂ ପାକିସ୍ତାନରେ ମଧ ଘଟୁଛି । ସେହିପରି ଉପଦ୍ୱୀପରେ କ୍ଷମତାରେ ଥିବା କେତେକ ସରକାରୀ କର୍ତ୍ତୃପକ୍ଷମାନଙ୍କର ସଦ୍‌ଉଦ୍ଦେଶ୍ୟ ଜଣାପଡୁ ନାହିଁ । ଅଲ୍ଲାଃତାଲା ପ୍ରତ୍ୟେକ ଦେଶରେ ବସବାସ କରୁଥିବା ଅହେମଦିମାନଙ୍କୁ ଏବଂ ପାକିସ୍ତାନ ତଥା ଉପଦ୍ୱୀପରେ ବସବାସ କରୁଥିବା ଅହେମଦିମାନଙ୍କୁ ମଧ ସର୍ବଦା ନିଜ ସୁରକ୍ଷା ବଳୟ ମଧରେ ରଖନ୍ତୁ । କିନ୍ତୁ ତତ୍‌ସହିତ ଅହେମଦିମାନଙ୍କୁ ମଧ ଧ୍ୟାନ ରଖିବାକୁ ହେବ ଯେ, ସେମାନେ ପୂର୍ବାପେକ୍ଷା ଅଧିକ ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବେ ଏବଂ ନିଜ ଉପାସନାର ଅଧିକାରକୁ ସମ୍ପାଦନକାରୀ ରୂପେ ବିବେଚିତ ହେବେ ଏବଂ ଭକ୍ତମାନଙ୍କର ଅଧିକାର ମଧ ସମ୍ପାଦନକାରୀ ରୂପେ ପରିଣତ ହେବାକୁ ଅଲ୍ଲାଃତାଲ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକରୁଲ୍ଲାହି ଅକ୍‌ବର୍ ।**

........................

KHULASA KHUTBA JUMA HUZOOR ANWAR a.b.a
26th Mar. 2021